# ପାଠକଶୂନ୍ୟ ସାହିତ୍ୟ ଓ ମୁରବିହୀନ ସମାଜ

ଭାଷା ଗୋଟିଏ ଜାତିର ଜୀବନ ଏବଂ ସାହିତ୍ୟ ହେଉଛି ତା'ର ଛବି। ସାହିତ୍ୟ ଏକାଡେମୀ ପୁରସ୍କାରକୁ ନେଇ ପୁଣି ଯେଉଁ ବିବାଦ ଆଜି ଦାଣ୍ଡରେ ପଡି ହାଟରେ ଗଡୁଛି, ତାହା ଏ ଛବିକୁ କେବଳ ବିକୃତ କରୁନାହିଁ, ଓଡ଼ିଆ ଭାଷା ଓ ଜାତିକୁ ଭଲ ପାଉଥିବା ଲୋକଙ୍କୁ ବ୍ୟଥିତ କରୁଛି । ଖବରକାଗଜର ମୂଲ୍ୟବାନ ପୃଷ୍ଠାଗୁଡ଼ିକ ମଧ୍ୟ ଏପରି ବିବାଦ ପାଇଁ ବିନିଯୋଗ ହେଉଛି । ସାହିତ୍ୟ ପୁରସ୍କାରକୁ ନେଇ ବିବାଦ କରିବା ଏହି କେତେବର୍ଷ ଧରି ରୀତିମତ ଏକ ବଦଭ୍ୟାସରେ ପରିଣତ ହେଲାଣି। ବର୍ଷାଋତୁ ଆସିଲେ ଓଡ଼ିଶାବାସୀ ବନ୍ୟା ଆଶଙ୍କା କଲାଭଳି ସାହିତ୍ୟ ପୁରସ୍କାରର ସମୟ ଆସିଲେ ପ୍ରତିବର୍ଷ ଏହିଭଳି ବିବାଦ ମୁଣ୍ଡ ଟେକୁଛି । ଭଲ, ମନ୍ଦର ବିଚାର ଆମେ ହରାଇ ବସୁଛୁ। ଏହା ଆମ ଜାତୀୟ ଜୀବନର ଅବକ୍ଷୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ମୋଟାମୋଟି ଭାବେ ଆମ ସାମଗ୍ରିକ ଜୀବନ କେତେ ଦରିଦ୍ର, ଏଥିରୁ ତାହା ସ୍ପଷ୍ଟ ହୋଇଯାଉଛି ।

ଆମ ରାଜନୀତି ଯେଉଁ ପ୍ରକାର ନେତୃତ୍ୱ ସଂକଟ ଦେଇ ଗତି କରୁଛି, ସାହିତ୍ୟରେ ମଧ୍ୟ ଅନୁରୂପ ନେତୃତ୍ୱ ସଂକଟ ଦେଖା ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ। କେହି କାହାରିକୁ ମାନିବା ପାଇଁ ପ୍ରସ୍ତୁତ ନୁହଁନ୍ତି। ସମସ୍ତେ ନିଜ ନିଜର ଅହଂକାରରେ ମାତିଛନ୍ତି ଏବଂ ନିଜେ ହିଁ ସବୁକିଛି ବୋଲି ପ୍ରମାଣିତ କରିବା ପାଇଁ କୌଣସି କଥା ମାନିବାକୁ ପ୍ରସ୍ତୁତ ନୁହନ୍ତି। ତେଣୁ ଅନେକ ଭଲକଥା ମଧ୍ୟ ପ୍ରତିବାଦର ଶିକାର ହେଉଛି। ବ୍ୟକ୍ତିମାନେ ଯେତେବେଳେ ଅନୁଷ୍ଠାନ ଠାରୁ ବଡ଼ ହୋଇଯାଆନ୍ତି, ଗୋଟିଏ ଜାତିର ବିପର୍ଯ୍ୟୟ ସେଇଠୁ ଆରମ୍ଭ ହୁଏ । ଅନୁଷ୍ଠାନ ଗଢ଼ା ହୁଏ ମଣିଷର ଏକ ସହଜାତ ପ୍ରବୃତ୍ତିରୁ । ସେହି ପ୍ରବୃତ୍ତିଟି ହେଉଛି, ନିୟମ ମାନିବାର ଅଭ୍ୟାସ। ଜୀବଜଗତରେ ନିୟମ ମାନିବାର ଅଭ୍ୟାସ ଯେ କେହି ଲକ୍ଷ୍ୟ କରିପାରିବେ। ନିୟମ ମାନିବାର

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଅଭ୍ୟାସରୁ ସମାଜ ଓ ଅନୁଷ୍ଠାନର ଉତ୍ପତ୍ତି ହୁଏ ଏବଂ ଅନୁଷ୍ଠାନଗୁଡ଼ିକ ଏହି ପ୍ରବୃତ୍ତି ଯୋଗୁଁ ସ୍ୱୀକୃତିଲାଭ କରିଥାନ୍ତି। ପିମ୍ପୁଡି ନିୟମ ମାନେ; ସେଇଥିଯୋଗୁଁ ଲମ୍ବାଲାଇନ୍ କରି ନିଜଠାରୁ ଶହେଗୁଣ ଅଧିକ ଓଜନର ପିଠାକୁ ବୋହି ନେଇ ପାରେ। ପକ୍ଷୀ ମଧ୍ୟ ନିୟମ ମାନେ; ନିର୍ଦ୍ଦିଷ୍ଟ ସମୟରେ ଚିଲିକାକୁ ଲକ୍ଷ ଲକ୍ଷ ପକ୍ଷୀ ଆସନ୍ତି। ହାତୀ ମଧ୍ୟ ନିୟମ ମାନେ; ସେମାନେ ଗୋଠ ହୋଇ ଜଙ୍ଗଲରେ ଯାତାୟାତ କରନ୍ତି। ଗୋଠଖଣ୍ଡିଆ ହାତୀକୁ 'ରୋଗ୍' ବା ପାଗଳ ବୋଲି କୁହାଯାଏ। ମଣିଷ ମଧ୍ୟ ଏଇଭଳି ନିୟମ ମାନିବା ଅଭ୍ୟାସରୁ ବହୁ ଅନୁଷ୍ଠାନ ଗଢ଼ିଛି ଏବଂ ନିଜର ସାଂସ୍କୃତିକ ଜୀବନକୁ ପରିପୁଷ୍ଟ କରିଛି। ତେବେ, ନିୟମ ମାନିବାର ଏ ଅଭ୍ୟାସରେ ଏବେ କାହିଁକି କଳଙ୍କି ଲାଗିଛି। ବ୍ୟକ୍ତିବାଦର ତଥାକଥିତ ପରାକାଷ୍ଠା ଆମ ସାମୂହିକ ଜୀବନକୁ ନଷ୍ଟଭ୍ରଷ୍ଟ କରୁଛି। 'ମୁଁ ହିଁ ସବୁକିଛି'- ଏ ପ୍ରକାରର 'ମୁଁ କାର'ଟି ଆମ ସାମଗ୍ରିକ ଜୀବନର ପ୍ରଧାନ ଶତ୍ରୁ ହୋଇଛି। ସବୁ କ୍ଷେତ୍ରରେ ନେତୃତ୍ୱ ବା ମୁରବିପଣିଆର ଅଭାବ ଏକ ସଂକଟ ହୋଇ ମୁଣ୍ଡ ଟେକିଛି। ସାହିତ୍ୟ ବା ଏଥିରୁ ବାଦ୍ ପଡ଼ିବ କିପରି ?

ଓଡ଼ିଆ ସାହିତ୍ୟ ଏକ ପ୍ରାଚୀନ ସାହିତ୍ୟ। ରାଜା, ମହାରାଜାମାନଙ୍କର ପୃଷ୍ଠପୋଷକତାରେ ବହୁ ଉଚ୍ଚକୋଟୀର ସାହିତ୍ୟକୃତିର ସୃଷ୍ଟି ହୋଇଥିଲା। ସେ ସମୟରେ ଯେ ଏ ପାତର ଅନ୍ତର ନ ଥିଲା କି ପୃଷ୍ଠପୋଷକତା ଦେବାରେ ରାଜା ମହାରାଜାଙ୍କର ବ୍ୟକ୍ତିଗତ ଇଚ୍ଛା ଅନିଚ୍ଛା ଏହାକୁ ପ୍ରଭାବିତ କରୁ ନଥିଲା ତାହା ନୁହେଁ; ତେବେ ତାହା ଅତ୍ୟନ୍ତ ସୀମିତ ଥିଲା। ସାହିତ୍ୟର ଶ୍ରେଷ୍ଠ ବିଚାରକ ହେଲେ ତାର ପାଠକମଣ୍ଡଳୀ। ସେମାନଙ୍କର ପ୍ରତିନିଧିତ୍ୱ କରୁଥିବା ନେତୃବର୍ଗ ପାଠକଙ୍କର ଭାବାବେଗକୁ ସମ୍ମାନ ଦେବେ ବୋଲି ଆଶା କରାଯାଏ। କିନ୍ତୁ ଗୋଟିଏ ପୁସ୍ତକକୁ କେହି ଦେଖି ନ ଥିବା କିମ୍ବା ପଢ଼ି ନଥିବା ବେଳେ ତାହା ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଯିବା ହିଁ ପାଠକମଣ୍ଡଳୀଙ୍କୁ ଆଶ୍ଚର୍ଯ୍ୟ କରୁଛି। ବିଗତ ବର୍ଷମାନଙ୍କରେ ଓଡ଼ିଆ ପାଠକମାନଙ୍କର ପ୍ରତିନିଧି ଭାବରେ ଯେଉଁମାନଙ୍କୁ ବିଚାରକ ଭାବେ ମନୋନୀତ କରାଯାଇଛି, ସେମାନଙ୍କଠାରୁ ଅନ୍ତତଃ ପକ୍ଷେ ଓଡ଼ିଆ ପାଠକସମାଜ ଅନାସକ୍ତ ବିଚାରର ଅପେକ୍ଷା ରଖେ। ଆମ ଓଡ଼ିଆ ସାହିତ୍ୟର ସଫଳ ନାୟକମାନଙ୍କୁ ଏ ଦାୟିତ୍ୱ ଦିଆହୋଇ ଆସୁଛି। କିନ୍ତୁ ଦେଖାଯାଉଛି, ଆମ ବିଚାରକମାନେ ଏ ପ୍ରକାର ବିଶ୍ୱାସର ଯୋଗ୍ୟତମ ଅଧିକାରୀ ହେବାରେ ଅସଫଳ ହୋଇଛନ୍ତି। ଆମେ ଏକ ଅନାସକ୍ତ ବିଚାର ପାଇଁ କ'ଣ ବିଦେଶରୁ ବିଚାରକ ଆମଦାନୀ କରିବା? ପ୍ରତିବର୍ଷ ଓଡ଼ିଆ ସାହିତ୍ୟର ପୁରସ୍କାରକୁ ନେଇ ଯେପରି ବିବାଦ ନିୟମିତ ଭାବରେ ମୁଣ୍ଡଟେକୁଛି, ପୁରସ୍କାର ଦେଉଥିବା ଅନେକ ଅନୁଷ୍ଠାନ ଓଡ଼ିଆମାନଙ୍କୁ ପୁରସ୍କାର ଦେବାକୁ ଡରିଲେଣି। ଓଡ଼ିଆଙ୍କୁ ପୁରସ୍କାର ଦେଇ କାହିଁକି ଅଯଥାରେ ନିନ୍ଦା, ଅପବାଦକୁ ଆମନ୍ତ୍ରଣ କରିବେ ? ପ୍ରତିବର୍ଷ ଏଭଳି ନିନ୍ଦିତ ହେବା ଅପେକ୍ଷା ମୋଟରୁ ପୁରସ୍କାର ନ ପାଇବା ହିଁ ଭଲ ବୋଲି ଅନେକେ ବିଚାର କଲେଣି। ଏଣୁ ଓଡ଼ିଆ ପାଠକ ସମାଜ ତରଫରୁ ଆମର ନିର୍ଦ୍ଦିଷ୍ଟ ପ୍ରସ୍ତାବ ହେଲା, ଓଡ଼ିଆ ସାହିତ୍ୟରେ ଆସନ୍ତା ପାଞ୍ଚବର୍ଷ ପାଇଁ କୌଣସି ପୁରସ୍କାର ଦିଆ ନଯାଉ। ପାଠକଶୂନ୍ୟ କୃତିଗୁଡ଼ିକ ଓଡ଼ିଆ ଜାତିର ମୁକୁଟ ହୋଇ ଶୋଭା ନ ପାଉ। ଆମ ସାହିତ୍ୟର ତଥାକଥିତ ମୁରବିମାନେ ତାଙ୍କର 'ମୁଁ-କାର' ପାଇଁ ଉଚିତ ଦଣ୍ଡ ପାଆନ୍ତୁ।